**ରାହୁଲ ଗାନ୍ଧି ତାଙ୍କ ପଦବୀକୁ ଚିରାଚରିତ ରୀତିରେ ପାଇଥିଲେ ମଧ୍ୟ ତାହା ଠିକ ନଥିଲା**

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

କୌଣସି ରାଜନୈତିକ ଦଳ କେବେ ମଧ୍ୟ ବ୍ୟକ୍ତିକୈନ୍ଦ୍ରିକ ହେବା ଅନୁଚିତ । ବରଂ ତାହାର ଗୋଟିଏ ଆଦର୍ଶ ତଥା ଢ଼ାଞ୍ଚା ରହିବା ସହ ସେଥିରେ ଗଣତନ୍ତ୍ରକୁ ମାନ୍ୟତା ଦେବା ମଧ୍ୟ ଉଚିତ । ଯେଉଁ ରାଜନୈତିକ ଦଳ ବ୍ୟକ୍ତିକୈନ୍ଦ୍ରିକ ହୋଇଥାଏ ତାହାର ପତନ ଘଟିବା ସୁନିଶ୍ଚିତ ।

ପଣ୍ଡିତ ଜବାହରଲାଲ ନେହେରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ହୋଇଥିଲେ । ୧୯୫୦ ମସିହାରେ କଂଗେସ ତାଙ୍କୁ ହିଁ ବୁଝାଯାଉଥିଲା । ଯାହା ଫଳରେ ବହୁ ବଡ଼ ବଡ଼ ନେତାମାନଙ୍କୁ ମଧ୍ୟ ଅଣଦେଖା କରାଯାଇଥିଲା । ଯେତେବେଳେ ସେ ଇନ୍ଦିରା ଗାନ୍ଧିଙ୍କୁ ଏ.ଆଇ.ସି.ସି ର ସଭାପତି ଭାବରେ ଦାୟିତ୍ୱ ଦେଇଥିଲେ ସେତେବେଳରୁ କଂଗ୍ରେସରେ ବଂଶାନୁକ୍ରମିକ ପ୍ରଥା ଚାଲିଆସିଛି । ପୂର୍ବବତ ବହୁ ବରିଷ୍ଠ ନେତାମାନେ ମଧ୍ୟ ତାଙ୍କୁ ରାସ୍ତା ଛାଡ଼ିବାକୁ ବାଧ୍ୟ ହୋଇଥିଲେ ।

ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ବ୍ୟକ୍ତିତ୍ୱ ବଳରେ ସେ ଦେଶର ରାଜନୀତିରେ ଖେଳିଯାଇଥିଲେ ଓ ୧୯୬୯ରେ କଂଗ୍ରେସର ବିଭାଜନ ହୋଇଥିଲା । ୧୯୭୩ ରେ ତାଙ୍କର ଦେଶର ନ୍ୟାୟିକ ସଂସ୍ଥାକୁ ଦୁର୍ବଳ କରିବା କଂଗ୍ରେସର ଏକ ନୀତି ହୋଇ ଯାଇଥିଲା । ୧୯୭୫ରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଆଜ୍ଞାନୁବର୍ତ୍ତୀତା କଂଗ୍ରେସର ଏକ ନୀତି ହୋଇଯାଇଥିଲା । ଫଳରେ ବିରୋଧୀ ଦଳ, ସଂସଦ, ଗଣମାଧ୍ୟମ ଓ ନ୍ୟାୟିକ ସଂସ୍ଥାକୁ ନିଜ ନିଜ ସ୍ଥାନରେ ରଖାଯାଇଥିଲା । ସେତେବେଳେ ଇଣ୍ଡିଆ ଇଜ ଇନ୍ଦୀରା ଓ ଇନ୍ଦୀରା ଇଜ ଇଣ୍ଡିଆ ବୋଲି ସ୍ଲୋଗାନକୁ ଏ.ଆଇ.ସି.ସି ର ଚେୟାରମ୍ୟାନଙ୍କ ଦ୍ୱାରା ଦଳର ସ୍ଲୋଗାନ ଭାବରେ ଅନୁମୋଦିତ କରାଯାଇଥିଲା । ସେତେବେଳେ ଦେଶର ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଅର୍ଥନୈତିକ ଯୋଜନା ମଧ୍ୟ କଂଗ୍ରେସ ପାର୍ଟିର ଦର୍ଶନ ହୋଇଯାଇଥିଲା ।

୧୯୮୪ରେ ବ୍ଲୁ ଷ୍ଟାର ଅପୋରେସନ ମାଧ୍ୟମରେ ଦେଶରେ ଏକ ଶିଖ ବିରୋଧୀ ବାତାବରଣ ସୃଷ୍ଟି ହୋଇଥିଲା । ଏକ ନିର୍ଦ୍ଧିଷ୍ଟ ସମ୍ପ୍ରଦାୟର ସାମୂହିକ ହତ୍ୟାକାଣ୍ଡ ସେତେବେଳେ ଦଳର ମୁଖ୍ୟ କାର୍ଯ୍ୟପନ୍ଥା ହୋଇଯାଇଥିଲା । ରାଜୀବ ଗାନ୍ଧୀ ଶାସନ ଗ୍ରହଣ କରିବା ପରେ ପ୍ରଥମେ ଅତୀତକୁ ସଜାଡ଼ି ନିଜ ପ୍ରତି ଜନତାଙ୍କୁ ଆକୃଷ୍ଟ କରାଇଥିଲେ । ମାତ୍ର ୧୯୮୭ରେ କୌଣସି ଦୁର୍ନୀତିରେ ସଂଶ୍ଳିଷ୍ଟ ହେବା ଓ ତାହା ଉପରେ ଘଣ୍ଟ ଘୋଡ଼ାଇବା ପାର୍ଟିର ଏକ ପ୍ରଧାନ କାର୍ଯ୍ୟ ହୋଇଥିଲା । ଯେତେବେଳେ ଭି.ପି ସିଂହଙ୍କ ପୁତ୍ରଙ୍କୁ ଜାଲ କେଶରେ ଜଡ଼ିତ କରାଇବାରେ ଏକ ବରିଷ୍ଠ ନେତୃବୃନ୍ଦ ସଂପୃପ୍ତ ହୋଇଥିଲେ

ସେତେବେଳେ ସମଗ୍ର ଦଳ ଏକାଠି ଠିଆ ହୋଇଥିଲା । ତେବେ ଏପରି ବ୍ୟକ୍ତିକୈନ୍ଦ୍ରିକ ରାଜନୀତିରେ ଏହାଠାରୁ ଭଲ କଅଣ ପ୍ରମାଣ ଥାଇପାରେ ?

ଯେତେବେଳେ ଶ୍ରୀମତୀ ସୋନିଆ ଗାନ୍ଧି ନିଜ ଅଧିକାର ନେଇ ରାଜନୀତିକୁ ଆସିଲେ ସେତେବେଳେ ମଧ୍ୟ ଦଳ ଜଣେ ବିଦେଶୀ ମହିଳାଙ୍କୁ ଦେଶର ପ୍ରଧାନ ମନ୍ତ୍ରୀ ପଦ ପାଇଁ ଗ୍ରହଣ କରି ନେଇଥିଲା । ମାତ୍ର ସେ ଏଥିପାଇଁ ରାଜି ହୋଇ ନଥିଲେ । ଆଉ ବର୍ତ୍ତମାନ ରାହୁଲ ଗାନ୍ଧିଙ୍କର ବିଭିନ୍ନ ପ୍ରକାରର ଅଯୌକ୍ତିକ ମନ୍ତବ୍ୟ ସତ୍ତ୍ୱେ ବି ତାଙ୍କୁ ପ୍ରଧାନ ମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ କରିବା ଘଟଣାରୁ କୌଣସି ବ୍ୟକ୍ତି ବିଶେଷ ରାଜନୀତିଠାରୁ ବହୁତ ଉର୍ଦ୍ଧ୍ୱରେ ବୋଲି ସ୍ପଷ୍ଟ ହୁଏ । ହେଲେ ବି.ଜେ.ପି ବା ବାମପନ୍ଥୀ ଦଳରେ ରାହୁଲ ଗାନ୍ଧିଙ୍କୁ ସାଧାରଣ ଅଫିସ କାର୍ଯ୍ୟକର୍ତ୍ତା ବା ରାଜ୍ୟ ବିଧାନସଭା ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡ଼ିଥାଆନ୍ତା । ଏକ ବ୍ୟକ୍ତିକୈନ୍ଦ୍ରିକ କଂଗ୍ରେସ ପାଖରେ ହିଁ ଏହା ସମ୍ଭବପର ଅଟେ ।

ଭାରତର ରାଜନୀତିର ଇତିହାସରେ ଏପରି ଦୁଇଜଣ ପ୍ରଧାନ ମନ୍ତ୍ରୀ ଅଛନ୍ତି ଯେ କି ବଂଶାନୁକ୍ରମିକ ନୁହେଁ ବରଂ ନିଜ କାର୍ଯ୍ୟଦକ୍ଷତା ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ପ୍ରଥମତଃ ଲାଲ ବାହାଦୂର ଶାସ୍ତ୍ରୀ । ଯେ କି ନିଜ ସରଳତା ତଥା ନିରାଡ଼ମ୍ବରତା ପାଇଁ ସମଗ୍ର ଦେଶବାସୀଙ୍କ ପାଇଁ ଆଦର୍ଶ ହୋଇଯାଇଛନ୍ତି । ଦ୍ୱିତୀତଃ ପି.ଭି ନରସିଂହା ରାଓ ଯେ କି ଦେଶର ଅର୍ଥନୀତିକୁ ବୈଦେଶିକ ନୀତିରେ ପରିବର୍ତ୍ତିତ କରିଛନ୍ତି ।

ମାନନୀୟ ଅଟଳ ବିହାରୀ ବାଜପେୟୀ ଓ ଶ୍ରୀ ନରେନ୍ଦ୍ର ମୋଦି ନିଜ ବ୍ୟକ୍ତିତ୍ୱ ପାଇଁ ଚିର ପରିଚିତ । ସେମାନେ ବ୍ୟକ୍ତିକୈନ୍ଦ୍ରିକ ନହୋଇ ବରଂ ସଙ୍ଘୀୟ ଢ଼ାଞ୍ଚାକୁ ଗୁରୁତ୍ୱ ଦିଅନ୍ତି । ହେଲେ ରାହୁଲ ଗାନ୍ଧୀ ବଂଶାନୁକ୍ରମିକ ଭାବରେ ଯଦିଓ ପଦବୀ ପାଇଛନ୍ତି ମାତ୍ର ତାହା ଆଦୌ ଠିକ ନୁହେଁ ।